ପୃଷ୍ଠା : ଛଅ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ୧୦ ଏପ୍ରିଲ, ୨୦୨୪, ବୁଧବାର

ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

ମାହାଙ୍ଗା,୮।୪ଏକ୍ସପ୍ରେସ୍ ନ୍ୟୁଜ୍

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ମଉଦା ଗ୍ରାମରେ ପ୍ରତିଷ୍ଠିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ଚିନ୍ମୟୀ ବରାଳ, ସମ୍ମାନିତ ଅତିଥିଭାବେ କାଂଚନବାଳା ରାଉତରାୟ, ଅମର କିଶୋର ସିଂହ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଉପରେ ଆଲୋଚନା କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଭଲ ଭାବେ ଅଧ୍ୟୟନ କଲେ ଶୀର୍ଷ ସ୍ଥାନରେ ପହଞ୍ଚିବା ସହ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ । ଦେବାଶିଷ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତାପ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶିକ୍ଷକ ଶିକ୍ଷୟତ୍ରୀ ଗୀତାଞ୍ଜଳି ଲେଙ୍କା, ମଞ୍ଜୁଲତା ନାୟକ, ମମତା ନାୟକ, ମିନାକ୍ଷୀ ସିଂହ, ମମତା ବିଶ୍ୱାଳ, ସୁଭଦ୍ରା ବେହେରା, ଭାଗ୍ୟଶ୍ରୀ ବେହୁରା, ଚିନ୍ମୟୀ ବେହୁରା, କଲ୍ୟାଣୀ ବାରିକ, ମଧୁସ୍ମିତା ମହାପାତ୍ର,ଶକୁନ୍ତଳା ବାରିକ, ଭାରତୀ ଦାଶ, ଦମୟନ୍ତୀ ଦାସ, ଭାଗ୍ୟଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

ଖେଳଣା ତିଆରି କର୍ମଶାଳା

ଖୋର୍ଦ୍ଧା,୮।୪ :ଏକ୍ସପ୍ରେସ୍ ନ୍ୟୁଜ୍

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଓ ବଙ୍ଗିଦା ପଞ୍ଚାୟତରେ ଅବସ୍ଥିତ କାଇପଦର କ୍ଲଷ୍ଟରରେ ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇ ଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା –୨୦୨୪ କାର୍ଯ୍ୟକ୍ରମ ସରକାରୀ ଉ.ପ୍ରା ବିଦ୍ୟାଳୟ, କାଇପଦର ମାଳିସାହି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ବାଗେଶ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ କାଇପଦର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟ, ଉକ୍ତ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆନନ୍ଦ ଭାରିମଲ, ଗୋପୀନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ସଭା ଉଦ୍ଘାଟନ କରିଥିଲେ । ଅତିଥି ସମୂହ ନିଜ ନିଜ ବକ୍ତବ୍ୟରେ ତାଲିମ ଶିବିରର ତାତ୍ପର୍ଯ୍ୟ ଓ ମହତ୍ୱ ଉପରେ ସୂଚନା ଦେବା ସହିତ ଏହାଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ବିକାଶ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ । ଆହୁରି ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହି ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାତୋଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ ଯୋଗ ଦେବା ସହିତ ସମ୍ବଳ ଶିକ୍ଷକ (ଆର୍.ପି) ଭାବରେ କଳା ଶିକ୍ଷକ ଭାଗିରଥି ମହାରଣା, ଜଗନ୍ନାଥ ମାଝି ଯୋଗ ଦେଇ ଶିକ୍ଷକମାନଙ୍କୁ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କରିବାର କଳା କୌଶଳ ଶିଖାଇବା ସହିତ କଣ୍ଢେଇ ତିଆରି କରିବା, କଳା ଓ ହସ୍ତଶିଳ୍ପ ବିଷୟରେ ଶିକ୍ଷା ଦେଇଥିଲେ । ପରିଶେଷରେ ଏହି କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ପାଇଁ ହୃଦୟସ୍ପର୍ଶୀ ହୋଇଥିଲା ।

ହରେକୃଷ୍ଣ-ମାଳତୀ ଇଣ୍ଟରନେସନାଲ ସ୍କୁଲର ବାର୍ଷିକ ଉତ୍ସବ

ସୋର,୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ସୋର ସରଶଂଖ ବ୍ରାହ୍ମଣସାହି ହରେକୃଷ୍ଣ–ମାଳତୀ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ହେମନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦାସ ଯୋଗ ଦେଇ ଜୀବନରେ ବଡ଼ ହେବାକୁ ହେଲେ ଶୃଙ୍ଖଳିତ ଦୃଢ଼ ସାଧନାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ନଳିନୀକାନ୍ତ ପ୍ରଧାନ ଓ ସତ୍ୟାନନ୍ଦ ପୁହାଣ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ହରେକୃଷ୍ଣ ମିଶ୍ର ପ୍ରାରମ୍ଭରେ ବେଦପାଠ କରିଥିବା ବେଳେ ଶିକ୍ଷକ ବିନୟ କୁମାର ବାରିକ ଅତିଥି ପରିଚୟ ପ୍ରଦାର କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବିଜେଡ଼ି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗୀର,୯।୪ଏକ୍ସପ୍ରେସ୍ ନ୍ୟୁଜ୍

ସଇଁତଳାର ଟାଣୁଆ ନେତା ସୁରେନ୍ଦ୍ର ସିଂଭୋଇ ପୂର୍ବରୁ କଂଗ୍ରେସରେ ଥିଲେ । କଂଗ୍ରେସଦଳରୁ ବିଧାୟକ ମନ୍ତ୍ରୀ ତଥା ଜିଲ୍ଲା କଂଗ୍ରେସ ସଭାପତି ମଧ୍ୟ ହୋଇଥିଲେ । କିନ୍ତୁ ସେ ଗତ ଦୁଇ ନିର୍ବାଚନରେ ଦୁଇ ଦୁଇଥର ଟିଟିଲାଗଡ ଆସନରୁ ମନ୍ତ୍ରୀ ଟୁକୁନି ସାହୁ ଙ୍କ ଠାରୁ ହାରିବା ପରେ ଚଳିତଥର ବିଜେଡ଼ିରେ ଯୋଗ ଦେଲା ପରେ ସମୀକରଣ ବଦଳିଛି । ଏଥର ସେ ବିଜେଡିଦଳଙ୍କୁ ଯାଇ ଥିବା ବେଳେ ସିଧା ସାଂସଦ ପ୍ରାର୍ଥି ହୋଇଛନ୍ତି । ବଲାଙ୍ଗିର ଲୋକସଭା କ୍ଷେତ୍ର ବଲାଙ୍ଗିର ଓ ସୁବର୍ଣ୍ଣପୁରରେ ଥିବା ୭ ଗୋଟି ବିଧାନ ସଭା କ୍ଷେତ୍ର କୁ ନେଇ ଗଠିତ । ତେଣୁ ତାଙ୍କୁ ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶନିବାର ଦିନ ସୋନପୁରର ମେହେର କଲ୍ୟାଣ ମଣ୍ଡପଠାରେ ଜିଲ୍ଲାର ନେତା ଓ କର୍ମୀ ସ୍ୱାଗତ କରିଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ମଧ୍ୟ ଭବ୍ୟସ୍ୱାଗତ କରାଯାଇଛି ।

ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଅସ୍ତରଙ୍ଗ ,୮।୪ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ପଢ଼ିଆରୀ ନୋଡାଲ ବିଦ୍ୟାପୀଠ, ଏଡବାଂଶର ଖେଳ ଶିକ୍ଷକ ଦୈତାରୀ ନାୟକ ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଥିବାବେଳେ ଆଜି ବିଦ୍ୟାଳୟ ପକ୍ଷରୁ ଏକ ବର୍ଣାଢ୍ୟ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉକ୍ତ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ସେନାପତି, ସହକାରୀ ଶିକ୍ଷକ ଅଜୟ କୁମାର ଜେନା, ଯାଜନିକା ଗୁରୁ, ସୁଶୀଲ ସାଣ୍ଡା, ପ୍ରମୋଦ କୁମାର ପରିଡା, ଅଜୟ କୁମାର ବେହେରା, ଅଜୟ କୁମାର ବାରିକ ପ୍ରମୁଖ ଯୋଗଦେଇ ଚାଳିଶି ବର୍ଷର ଶିକ୍ଷକତା ଜୀବନ ମଧ୍ୟରେ ଅନେକ ଛାତ୍ରଛାତ୍ରୀଙ୍କୁ ଗଢି ତୋଳିବାରେ ଶ୍ରୀ ନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।ତାଙ୍କ ଉତ୍ତମ ବ୍ୟବହାର ଓ ନିଷ୍ଠାପର ଶିକ୍ଷାଦାନ ଯୋଗୁଁ ଛାତ୍ରଛାତ୍ରୀ ସମେତ ସହକର୍ମୀମାନଙ୍କୁ ପ୍ରଭାବିତ କରିଥିବା ନେଇ ମତ ପ୍ରକାଶ କରିଥିଲେ । ଶେଷରେ ଶ୍ରୀ ନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଶିକ୍ଷକ ମାନେ ନେଇ ତାଙ୍କ ନିଜ ଘର ତାଳଦା ଠାରେ ଛାଡିଥିଲେ ।

ଖୋର୍ଦ୍ଧାରେ ବିଜେପିର ଜନସମ୍ପର୍କ ପଦଯାତ୍ରା

ଖୋର୍ଦ୍ଧା,୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ଭାଜପାର ଜନସମ୍ପର୍କ ପଦଯାତ୍ରା ଖୋର୍ଦ୍ଧା ନଗରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମୁକୁନ୍ଦପ୍ରସାଦ ଠାରୁ କାଲୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ୪ହଜାରରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଏକ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ନେତାମାନେ ଲୋକମାନଙ୍କୁ ସଚେତନ କରାଇଥିଲେ । ପଦଯାତ୍ରା ମୁକୁନ୍ଦପ୍ରସାଦ ଠାରୁ ଟ୍ରାଫିକ ଛକ, ସମବାୟ ବ୍ୟାଙ୍କ ଛକ, କୋର୍ଟ ଛକ ଦେଇ ନୂଆବସଷ୍ଟାଣ୍ଡ ଠାରେ ପହଁଚି ସମାପ୍ତ ହୋଇଥିଲା । ତେବେ ପଦଯାତ୍ରାରେ ଭାଜପା ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀଙ୍କ ଅନୁପସ୍ଥିତି ଦଳ ମଧ୍ୟରେ ଥିବା ଗୋଷ୍ଠିକନ୍ଦଳକୁ ପଦାରେ ପକାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ସମବାୟ ସେଲ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ଶିକ୍ଷକ ସେଲ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର, ସିନେ କଳାକାର ଅଖିଳ ପଟ୍ଟନାୟକ, ଅଭିମନ୍ୟୁ ଘଟୁଆଳ, ତ୍ରିଲୋଚନ ଦାସ, ତ୍ରିନାଥ ମହାପାତ୍ର, ରଘୁନାଥ ସାହୁ, ରାମଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତଥିଲେ ।

ନାଗରିକ କମିଟି ବଲାଙ୍ଗିରର ଦ୍ୱିତୀୟ ସାଧାରଣ ପରିଷଦ ବୈଠକ

ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ବଲାଙ୍ଗିର ନାଗରିକ କମିଟିର ଦ୍ୱିତୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସାଧାରଣ ସଂପାଦକ ମଧୁସୂଦନ ନାୟକ ଗତ ୩ଟି କାର୍ଯ୍ୟକାରୀ କମିଟିର ବିବରଣୀ ପାଠ କରିଥିଲେ ଓ ଗୃହରେ ତାହା ସ୍ୱିକୃତି ଲାଭ କରିଥିଲା । ସଭାପତି ଡ. ମିଶ୍ର ଏହା ଭିତରେ ବଲାଙ୍ଗିରର ଉନ୍ନତି କଳ୍ପେ ନାଗରିକ କମିଟି ସଂପାଦନ କରିଥିବା ବିଭିନ୍ନ କାର୍ଯ୍ୟକଳାପକୁ ବ୍ୟାଖ୍ୟା କରିଥିଲେ । ନାଗରିକ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୦ ଟି ଦଳରେ କମିଟିକୁ ବିଭକ୍ତ କରାଯାଇ ଯୋଗାଯୋଗ ଓ ଯୋଗସୂତ୍ର ରକ୍ଷା ନିମନ୍ତେ ପ୍ରତି ୨୫ ଜଣିଆ ଦଳ ପାଇଁ ଜଣେ ଲେଖାଏଁ ଦଳପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ।

ତୃଷାର୍ତ୍ତ ହରିଣର ମୃତ୍ୟୁ

ରଘୁନାଥପୁର,୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ରଘୁନାଥପୁର ବ୍ଲକରେ ଥିବା ଏକମାତ୍ର ସଂରକ୍ଷଣ ଜଙ୍ଗଲ ଧଳତଙ୍ଗଗଡରେ ଶହ ଶହ ହରିଣ ପ୍ରବଳ ରୌଦ୍ରତାପରେ ପିଇବା ପାଇଁ ପାଣି ନପାଇ ଜଙ୍ଗଲ ବାହାରକୁ ଚାଲି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ହରିଣ ଟ୍ରେନରେ କଟି ମୃତ୍ୟୁବରଣ କରୁଥିବା ବେଳେ ଆଉ କେତେକ କୁକୁର କାମୁଡାରେ ମୃତ୍ୟୁବରଣ କରୁଛନ୍ତି। ଆଜି ଏକ ହରିଣ ପିଇବା ପାଇ ଜଙ୍ଗଲରେ ବାହାରକୁ ପାଣି ଅନ୍ୱେଷଣରେ ଆସି ତଅଁରା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ଗୌରାଙ୍ଗ ମଲ୍ଲିକ ଘର ନିକଟ ଖାନା ବାଡି ଠାରେ ମରି ପଡିଥିବାର ସ୍ଥାନୀୟ ଲୋକ ଅପରାହ୍ନ ୫ଟାରେ ଦେଖିବାକୁ ପାଇଥିଲେ। ଲୋକମାନେ ଉକ୍ତ ହରିଣଟି ମରିପଡିଥିବାର ଦେଖି ଜଙ୍ଗଲ ବିଭାଗ ରେଞ୍ଜରଙ୍କୁ ଟେଲିଫୋନ କରି ଜଣାଇଥିଲେ । ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଆସି ମୃତ ହରିଣଟିକୁ ଜବତ କରିଥିଲେ। ପ୍ରକାଶଥାଉକି, ଜଙ୍ଗଲ ମଧ୍ୟରେ ପୋଖରୀ ଗୁଡିକ ଶୁଖିଲା ପଡିଛି। ଜଙ୍ଗଲର ଚର୍ତୁପାର୍ଶ୍ୱ ଖୋଲା ପଡିଛି। ଏଥିପାଇଁ ପ୍ରବଳ ରୌଦ୍ରତାପରେ ଏହି ଜଙ୍ଗଲରେ ଥିବା ହରିଣଗୁଡିକ ପାଣି ପାଇ ଡହଳବିକଳ ହେଉଛନ୍ତି। ସେମାନେ ଜଙ୍ଗଲରେ ପାଣି ନପାଇ ବାଧ୍ୟ ହୋଇ ଜଙ୍ଗଲ ବାହାରକୁ ପାଣି ଅନ୍ୱେଷଣରେ ଚାଲି ଆସୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଜଙ୍ଗଲ ମଧ୍ୟରେ ହରିଣ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ସହିତ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ କରିବାକୁ ଏ ଅଞ୍ଚଳର ବହୁ ବୁଦ୍ଧିଜୀବିମାନେ ଦାବି କରିଛନ୍ତି।

ବିଜେଡ଼ି ସାଂସଦ ଓ ବିଧାୟକ ପ୍ରାର୍ଥଙ୍କୁ ସତ୍ୟବାଦୀ ଓ କଣାସରେ ଭବ୍ୟ ସ୍ୱାଗତ

ସୁଆଣ୍ଡୋ ଗୋପବନ୍ଧୁ ସଂଗ୍ରାହଳୟ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ଅବଦାନ

ସାକ୍ଷୀଗୋପାଳ,୮।୪:
ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀ ଜିଲ୍ଲା ସତ୍ୟବାଦୀ, ସାକ୍ଷୀଗୋପାଳ ତ୍ୟାଗ ଓ ସମର୍ପଣର ଭୂମି ସତ୍ୟବାଦୀକୁ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା। ପଟନାଇକିଆ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆଣି ବସଷ୍ଟାଣ୍ଡ ପାଖ ପଞ୍ଚସଖାଙ୍କ ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିଠାରୁ ଶୋଭାଯାତ୍ରାରେ ଶ୍ରୀ ପଟ୍ଟନାୟକ ଏବଂ ଶ୍ରୀ ଦାସବର୍ମା। ସାକ୍ଷୀଗୋପାଳ ବଜାର ଦେଇ ପ୍ରଭୁ ଗୋପାଳଜୀଙ୍କ ମନ୍ଦିର ପାଖରେ ପହଞ୍ଚିଲା ପରେ ସେବାୟତ ସଂଘ, ସତ୍ୟବାଦୀ ବରିଷ୍ଠ ନାଗରିକ ସଂଘ ଓ ପରିଚାଳନା କମିଟି ତରଫରୁ ସାଗତ କରାଯାଇଥିଲା। ଏହା ପରେ ଉଭୟ ନେତୃପ୍ରଭୁ ସାକ୍ଷୀଗୋପିନାଥ ଓ ମା' ରାଧାରାଣୀଙ୍କ ଭବ୍ୟ ଦର୍ଶନ କରିଥିଲେ। ଏହି ଅବସରରେ ପ୍ରଭୁଙ୍କ ନଟବର ବେଶ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ସେବାୟତ କମିଟ ତରଫରୁ ଶ୍ରୀ ଦାସବର୍ମା ଓ ଶ୍ରୀ ପଟ୍ଟନାୟକଙ୍କୁ ଗୋପୀନାଥ ମନ୍ଦିର ବିକାଶ ପାଇଁ ଅବଗତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସାକ୍ଷୀଗୋପିନାଥ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ଯୋଗାଇ ଦେଇଥିବା ମତପ୍ରକାଶ କରିବା ସହିତ ପଞ୍ଚସଖାଙ୍କର ତ୍ୟାଗ ଓ ତପସ୍ୟାର ଭୂମି ବକୁଳ ବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନବୀନ ସରକାରଙ୍କ ବଳିଷ୍ଠ ଯୋଗଦାନ ବୋଲି ଶ୍ରୀ ଦାସବର୍ମା ମତ ପ୍ରକାଶ କରିଛନ୍ତି। ଏହା ପରେ ଅରୂପ ପଟ୍ଟନାୟକ ଓ ସଞ୍ଜୟ ଦାସବର୍ମା ପଞ୍ଚସଖାଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ପଞ୍ଚସଖାଙ୍କ ଓଡ଼ିଆ ଜାତି ପାଇଁ ଅସୀମ ତ୍ୟାଗ ଓ ବନବିଦ୍ୟାଳୟର ପ୍ରତିଷ୍ଠାସମ୍ପର୍କରେ ସ୍ତୁତି ଚାରଣ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ଏବଂ ଜାତୀୟତା ଆନ୍ଦୋଳନରେ ଏହି ମାଟିର ଅବଦାନକୁ ସ୍ମରଣ କରିଥିଲେ। ଏହା ପରେ ଶ୍ରୀ ପଟ୍ଟନାୟକ ଓ ଶ୍ରୀ ଦାସବର୍ମା ବାବା ବରାଳ ବାଲୁଙ୍କେଶ୍ୱରଙ୍କ ଦର୍ଶନ କରି ସୁଆଣ୍ଡୋ ସ୍ଥିତି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଷଠୀଘରକୁ ଯାଇ ଶ୍ରଦ୍ଧା ସୁମନ ଅର୍ପଣ କରି ଓଡ଼ିଆ ଜାତିର ତ୍ୟାଗ ଓ ତପସ୍ୟାର ଭଭୂମି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୀବନ ବ୍ୟାପି ତ୍ୟାଗ, ସାଧନା ଓ ସମର୍ପଣର ଭୂମି ସୁଆଣ୍ଡୋ ଗ୍ରାମର ବିକାଶ କୁ ବହୁଗୁଣିତ କରିଥିବା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନକୁ ଅନନ୍ତ କାଳ ପର୍ଯ୍ୟନ୍ତ ଓଡ଼ିଆ ଜାତି ଓ ସତ୍ୟବାଦୀ ବାସୀ ସବୁଦିନ ସ୍ମରଣ କରୁଥିବେ ବୋଲି ଶ୍ରୀ ଦାସବର୍ମା ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ସତ୍ୟବାଦୀ ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରମୋଦ ରାଉତରାୟ,ଶରତ ରାଉତରାୟ ସୁବାସ ପ୍ରଧାନ ପ୍ରକାଶ ଖଟେଇ, ଦିନେଶ ମହାପାତ୍ର, ବେବୀ ଲାଲ ମିଶ୍ର , ସୁରେଶ ସାହୁ କଣାସ ବ୍ଲକ ବିଜୁ ଜନତା ଦଳ ସଭାପତି ସୁରେଶ କୁମାର ସାହୁ, ସତ୍ୟବାଦୀ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ସତ୍ୟବାଦୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ପ୍ରହ୍ଲାଦ ଘଟୁଆରି, ଆମ୍ବା କମିଟିର ଅଧ୍ୟକ୍ଷ ମହମ୍ମଦ ଜିକିରିୟା, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାଶିଷ ରାୟ, ବରିଷ୍ଠ ନେତା ରାମଚନ୍ଦ୍ର ମାହାନ୍ତି, ଜିଲ୍ଲା ବିଜୁ ଜନତା ଦଳ ଉପସଭା ନେତ୍ରୀ କନକ ଲତା ପଣ୍ଡା, ସତ୍ୟବାଦୀ ବ୍ଲକ ମିଶନ ଶକ୍ତିର ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ଦାସ, ସଭାନେତ୍ରୀ ଯମୁନା ବେହେରା ଓ ସମେତ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ ଏବଂ ମାତୃଶକ୍ତିଙ୍କ ସମେତ ବିଜୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

ବିଜେଡିରେ ମିଶିବା ପରେ ବିଧାୟକଙ୍କୁ ଛୁଟିଲା ଶୁଭେଚ୍ଛାର ସୁଅ

ନୀଳଗିରି,୮।୪:ଏକ୍ସପ୍ରେସ୍ ନ୍ୟୁଜ୍

ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀରେ ଥିବା ବାହାନଗା ଓ ନୀଳଗିରି ବ୍ଲକ ବିଜେଡ଼ି ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ନୀଳଗିରି ବିଧାୟକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଜେପି ଛାଡ଼ି ବିଜେଡିରେ ପୁନର୍ବାର ଘରବାହୁଡ଼ା କରିଥିବା ବିଧାୟକ ସୁକାନ୍ତ ନାୟକଙ୍କୁ ଭେଟି ସାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ନୀଳଗିରି ମାଟିରେ ବିଜେଡି ଦଳର ପ୍ରତିଷ୍ଠାତା ସଦସ୍ୟ ଭାବରେ ଦଳର ସଂଗଠନକୁ ମଜବୁତ କରିବା ଏବଂ ବିଜେପି–ବିଜେଡ଼ି ମେଣ୍ଟ ସରକାର ଭାଙ୍ଗିବା ପରେ ୨୦୧୪ମସିହାରେ ପ୍ରଥମଥର ବିଜେଡ଼ି ଟିକେଟରେ ଲଢି ବିପୁଳ ବିଜୟ ହାସଲ କରିଥିବା ସୁକାନ୍ତ ବାବୁଙ୍କ ଲୋକପ୍ରିୟତାକୁ ଖୁବ ପ୍ରଶଂସା କରିଥିଲେ ବିଜେଡିର ବରିଷ୍ଠ ନେତା ତଥା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ସମିତି ସଭ୍ୟ ଶରତ ରାଜ। ସୂଚନା ଅନୁଯାୟୀ ୨୦୧୯ ମସିହାରେ ସୁକାନ୍ତ ବିଜେଡ଼ି ଛାଡି ବିଜେପିରେ ଯୋଗଦେବା ପରେ ବିଜେପି ଟିକେଟରେ ଲଢି ପୁନର୍ବାର ଦିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ଶେଷରେ ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ମୋହଭଙ୍ଗ ଛିନ୍ନକରି ପୁନର୍ବାର ବିଜେଡିରେ ଯୋଗଦାନ କରିଛନ୍ତି। ତାଙ୍କର ଲୋକପ୍ରିୟତାକୁ ଆଧାର କରି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳକୁ ଆଦରି ନେଇଛନ୍ତି। ତାଙ୍କର ଏହି ଘରବାହୁଡା ଅବସରରେ ବରିଷ୍ଠ ବିଜେଡି ନେତା ଶରତ ରାଜଙ୍କ ନେତୃତ୍ୱରେ ବାହାନଗା ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ବରିଷ୍ଠ ନେତା ଓ କର୍ମୀ ବିଧାୟକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଧାୟକଙ୍କୁ ଉତ୍ତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ କୁମାର ଲେଙ୍କାଙ୍କ ଉପସ୍ଥିତିରେ ୧୮ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ପଥରପେଣ୍ଠର ପୂର୍ବତନ ସରପଞ୍ଚ ଦିଗମ୍ବର ମହାଳିକ, ୧୯ନଂ ଜୋନର ମିନପ୍ରଭା ଶିଅଳ, ରତ୍ନାକର ସାହୁ, ଶ୍ରୀଧର ମହାନ୍ତି, କରୁଣାକର ବେହେରା, ସାଲିସ ରଞ୍ଜନ ବିହାରୀ, ରବିନାରାୟଣ ରାଜ, ପ୍ରଫୁଲ୍ଲ ମହାପାତ୍ର, ଜୟନ୍ତ ସାହୁ, ଧୀରେନ୍ଦ୍ର ମୁଦୁଲି, ଜଳଧର ନାୟକ, ଗୟାଧର ରାଜ ପ୍ରମୁଖ ବହୁ ବରିଷ୍ଠ ନେତା ଓ କର୍ମୀ ସମ୍ବର୍ଦ୍ଧନା ସଭାରେ ସାମିଲ ହୋଇ ବିଧାୟକଙ୍କୁ ଦଳକୁ ପାଛୋଟି ନେଇଥିଲେ।

ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଅବସରଗ୍ରହଣ କରିଥିବା ସ୍ନେହଲତା ରଥ ସ୍ୱେଚ୍ଛାକୃତ ଭାବେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ନିମନ୍ତେ ଆଗ୍ରହ ପ୍ରକାଶ କରି ଖଣ୍ଡପଡ଼ା ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପହଁଚିବା ପରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିନାୟକ ସାହୁ, ପ୍ରଧାନଶିକ୍ଷକ ଅଲେଖ କୁମାର ନାଏକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀମାନେ ଶ୍ରୀମତୀ ରଥଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ । ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରି ସେ ଅବସର ସମୟ ବିତାଇବେ ବୋଲି ଶ୍ରୀମତୀ ରଥ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଗରେ ପ୍ରକାଶ କରିଛନ୍ତି।

ନିର୍ବାଚନ ଆଚରଣ ବିଧି ପାଳନ କଡାକଡି ମୁଖ୍ୟମନ୍ତ୍ରୀଙ୍କ ଚିତ୍ରରେ ରଙ୍ଗ ଲେପିଲେ ଫ୍ଲାଇଙ୍ଗ ସ୍କ୍ୱାର୍ଡ

ବୁଗୁଡ଼ା,୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ବୁଗୁଡ଼ା ସହରରେ ନିର୍ମାଣାଧୀନ ଅବଦୁଲ କାଲାମ ସାଇନ୍ସ ପାର୍କରେ ଅଙ୍କାଯାଇଥିବା ନବୀନ ପଟ୍ଟନାୟକଙ୍କ ଚିତ୍ରରେ ଫ୍ଲାଇଙ୍ଗ ସ୍କାର୍ଡ଼ ରଙ୍ଗ ଲେପିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ପ୍ରକାଶ ଯେ, ମୁକ୍ତା ଯୋଜନା ଆନୁକୁଲ୍ୟରେ ନିର୍ମାଣାଧୀନ ଉକ୍ତ ସାଇନ୍ସ ପାର୍କ ସଂଲଗ୍ନ ଏକ ପାଚେରୀରେ ନବୀନ ପଟ୍ଟନାୟକଙ୍କ ବିରାଟ ଚିତ୍ର ଅଙ୍କନ କରାଯାଇଥିଲା । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରଠୁ ଉକ୍ତ ଚିତ୍ରକୁ ଆବୃତ କରାଯାଇଥିଲା । ତେବେ ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ତାଣ୍ଡବ କାଳରେ ଝଡତୋଫାନ ଯୋଗୁଁ ଘୋଡାଯାଇଥିବା ଜରିପାଲ ଉଡିଯାଇ ଉକ୍ତ ଚିତ୍ର ଅନାବୃତ ହୋଇପଡିଥିଲା । ଏ ନେଇ ଅଭିଯୋଗ ଅଥବା ଖବର ୧୨୪ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଗଠିତ ଫ୍ଲାଇଙ୍ଗ ସ୍କାର୍ଡ଼ ନିକଟରେ ପହଞ୍ଚିଥିଲା । ଫଳରେ ପୂର୍ବାହ୍ନରେ ବୁଗୁଡ଼ା ପୋଲିସ ଓ ଏନଏସି କର୍ମଚାରୀଙ୍କ ଉପସ୍ଥିତିରେ ଫ୍ଲାଇଙ୍ଗ ସ୍କାର୍ଡ଼ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଚିତ୍ରରେ ରଙ୍ଗ ଲେପନ କରାଯାଇ ଚିତ୍ରଟିର ରୂପରେଖ ବଦଳା ଯାଇଥିଲା । ଏଫଏସଟିର ଏତାଦୃଶ ପଦକ୍ଷେପ ଯୋଗୁଁ ଏଥର ସାଧାରଣ ନିର୍ବାଚନ ଆଚରଣ ବିଧି ପାଳନ ନେଇ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି ।

ଖଡ଼ିଆଳରେ ପିସିସି ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଓ ସାଂସଦ ପ୍ରାର୍ଥୀ

ନୂଆପଡ଼ା,୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ପିସିସି ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଓ କଳାହାଣ୍ଡି କଂଗ୍ରେସ ସାଂସଦ ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ ନୂଆପଡ଼ା ଗସ୍ତ କରି ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରିଛନ୍ତି। ନୂଆପଡ଼ା କୋମନା ଗସ୍ତ ପରେ ସେ ଖଡ଼ିଆଳ ଠାରେ ପହଞ୍ଚିବା ପରେ କଂଗ୍ରେସ କର୍ମୀ ମାନେ ତାଙ୍କୁ ବ୍ଲକ ଛକ ଠାରେ ସାଗତ କରିଥିଲେ। ପରେ ଆମ୍ବେଦକର ଛକ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନିଜ ଅଭିଭାଷଣରେ ଶ୍ରୀଯୁକ୍ତ ଦାସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଉଭୟ ସରକାର ଲୋକଙ୍କ ଉନ୍ନତି ପାଇଁ କିଛି କରୁ ନଥିବା ଅଭିଯୋଗ କରି କଂଗ୍ରେସ ସରକାର ଆସିଲେ ପାଞ୍ଚ ନ୍ୟାୟରେ ପଚିଶ ଗ୍ୟାରେଣ୍ଟି ପୁରା କରିବ ଓ ଲୋକଙ୍କ ସବୁ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ନିକଟରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ କଂଗ୍ରେସ ଦଳ ଛାଡି ବିଜେଡ଼ିର ପ୍ରାର୍ଥୀ ହୋଇଥିବା ନେଇ ପ୍ରଶ୍ନ କରିବାରୁ ଏହାର କିଛି ଫରକ ପଡ଼ିବ ନାହିଁ ଓ କଂଗ୍ରେସ ଦଳ ପୂର୍ବପରି ଶକ୍ତିଶାଳୀ ରହିବ ବୋଲି କହିଥିଲେ।

ଅସରାଏ ବର୍ଷାରେ ଜଳାର୍ଣ୍ଣବ ହେଉଛି ମଧୁବନ କ୍ରୀଡାଙ୍ଗନ

ଖଣ୍ଡପଡ଼ା,୮।୪ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ ପରିସରରେ ବର୍ଷା ହେଲେ ପାଣି ଜମି ରହୁଛି । ଅଦିନିଆ ବର୍ଷାର ପ୍ରଭାବରେ କ୍ରୀଡାଙ୍ଗନ ପରିସର ଜଳାର୍ଣ୍ଣବ ହୋଇ ଉଠୁଥିବାରୁ ଏ ନେଇ କ୍ରୀଡାବିତ୍ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ଷତମାମ ମଧୁବନ ମିନଷ୍ଟାଡିୟମ ପରିସରରେ କ୍ରୀଡା ପ୍ରତିଯୋଗିତା ଠାରୁ ଆରମ୍ଭ କରି ମେଳା, ମହୋତ୍ସବ, ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ । ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି କ୍ରୀଡାଙ୍ଗନଟି ମିନିଷ୍ଟାଡିୟମର ମାନ୍ୟତା ପାଇବା ପରେ ଖଣ୍ଡପଡା ତହସିଲ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଠାରେ ଅନେକ କିଛି ବିକାଶମୂଳକ କାର୍ଯ୍ୟ କରାଯାଇଛି । ଏପରିକି ମୁକ୍ତା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ମଧୁବନ କ୍ରୀଡାଙ୍ଗନର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ କରାଯାଇଛି । ମାତ୍ର କ୍ରୀଡାଙ୍ଗନର ମଧ୍ୟଭାଗ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସାମାନ୍ୟ ଖାଲୁଆ ଥିବା ଯୋଗୁଁ ବର୍ଷାଜଳ ଜମି ରହୁଛି। ଏଥିପ୍ରତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି ।

ରୋଚକ ସ୍ଥିତିରେ ଧର୍ମଶାଳା ରାଜନୈତିକ ପାଣିପାଗ

ବିରୋଧୀଙ୍କ ସମରସଜ୍ଜାକୁ ଭୋଟରଙ୍କ ଅପେକ୍ଷା

ଧର୍ମଶାଳା,୮।୪ଏକ୍ସପ୍ରେସ୍ ନ୍ୟୁଜ୍

ରାଜନୈତିକ ଦୃଷ୍ଟି କୋଣରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ରହିଆସିଛି । ଦୀର୍ଘ ୩ ଦଶନ୍ଧି ହେଲା ଅଣକଂଗ୍ରେସର ଦୁର୍ଗ ରହିଥିବା ଏହି ନିର୍ବାଚନ ମଣ୍ଡଳୀରେ ଏଥର ଅଣକଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ସ୍ପଷ୍ଟ ବାରିହେଉଛି । ଏଠାରେ ବିଜେଡି ପକ୍ଷରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେପି ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିଛି । ତେବେ ଧର୍ମଶାଳାରେ ଶ୍ରୀମତୀ ପହି ପ୍ରାର୍ଥୀ ହେବା ପରେ ବିଜେପି ପ୍ରାର୍ଥୀ ହେବାକୁ ଆଶା ରଖିଥିବା ହିମାଂଶୁ ଶେଖର ସାହୁ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଶ୍ରୀମତୀ ପହିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଶ୍ରୀ ସାହୁଙ୍କ ସମର୍ଥକମାନେ ଭୁବନେଶ୍ୱରସ୍ଥିତ ବିଜେପି କାର୍ଯ୍ୟାଳୟରେ ହୋହଲା କରିବା ସହିତ ହିମାଂଶୁଙ୍କୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ । ଶ୍ରୀ ସାହୁଙ୍କ ସମର୍ଥକଙ୍କ ବିରୋଧକୁ ଦେଖି ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପରିବର୍ତ୍ତନ ଉପରେ ବିଚାର କରିବାକୁ କେନ୍ଦ୍ରିୟ ନେତୃବୃନ୍ଦଙ୍କୁ ଜଣାଯାଇଛି ବୋଲି ରାଜ୍ୟ ସଭାପତି କହିବା ସହ ଆଗାମୀ ୨ ଦିନ ମଧ୍ୟରେ ଏହା ଜଣାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ତେବେ ଇତିମଧ୍ୟରେ ୨ ଦିନ ବିତିଯାଇଥିଲେ ହେଁ ଏହା ଉପରେ ପୁନର୍ବିଚାର କରାଯାଇ ନାହିଁ । ଅନ୍ୟପଟେ ଧର୍ମଶାଳାରେ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ସମର୍ଥକମାନେ ସ୍ୱର ଉତ୍ତୋଳନ କରିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ପ୍ରାର୍ଥିତ୍ୱକୁ ଦଳ ଭିତରେ ବିରୋଧ କରାଯାଇଛି । ଯାହା ଫଳରେ ଚିନ୍ତା କରି ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଏଭଳି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ସାହାସ ଜୁଟାଇ ପାରୁନଥିବା ଆଲୋଚନା ହେଉଛି । ଅନ୍ୟପଟେ କଂଗ୍ରେ ପକ୍ଷରୁ ଅଦ୍ୟାବଧି ଏଠାରେ ପ୍ରାର୍ଥୀ ଦିଆଯାଇ ନାହିଁ । ଏଠାରେ କଂଗ୍ରେସ ତରଫରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରାର୍ଥିତ୍ୱରେ ଆଗରେ ରହିଥିବା ବେଳେ ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡାଙ୍କ ବୋହୂ ମଧୁସ୍ମିତା ଆଚାର୍ଯ୍ୟ ପ୍ରାର୍ଥିତ୍ୱ ରେସରେ ରହିଛନ୍ତି । ତେବେ ଦଳ ଏଠାରେ କାହାକୁ ପ୍ରାର୍ଥୀ କରୁଛି ତାହା ପରବର୍ତ୍ତୀ ସମୟରେ ଜଣାପଡିବ । ରାଜନୈତିକ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଚଳିତ ନିର୍ବାଚନରେ ମୁଖ୍ୟତଃ ବିଜେପି ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ । ଜଦି ବିଜେପି ପ୍ରାର୍ଥୀ ପରିବର୍ତ୍ତନ ନକରେ ତେବେ ହିମାଂଶୁଙ୍କ ରାଜନୈତିକ ସମରସଜ୍ଜାକୁ ନେଇ ଏଠାରେ ନିର୍ବାଚନ ତାତି ଆହୁରି ବଢିବାର ସମ୍ଭାବନା ରହୁଛି । ଏଠାରେ ଯଦି ହିମାଂଶୁ ସାହୁଙ୍କୁ ବିଜେପି ପ୍ରାର୍ଥୀ କରିଥାନ୍ତା ତେବେ ବିଜେପି ଓ ବିଜେଡି ମଧ୍ୟରେ ଲଢେଇ ଜୋରଦାର ହୋଇଥାନ୍ତା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ତେବେ ସେ ଯାହା ହେଉନା କାହିଁକି ବର୍ତ୍ତମାନ ସ୍ଥିତିରେ ଧର୍ମଶାଳାରେ ବିଜେଡି ପ୍ରାର୍ଥୀ ଶ୍ରୀ ବଳବନ୍ତରାୟଙ୍କ ପଲା ଭାରି ରହିଛି । ଆଗକୁ ଧର୍ମଶାଳାର ରାଜନୈତିକ ପାଣିପାଗ କି ରୂପ ନେଉଛି ତାହା ଆଗାମୀ ଦିନରେ ଜଣାପଡିବ ।